# ନିରନ୍ତର ରୋଜରୀ ମାଳା ବିନତୀ ପ୍ରାର୍ଥନା- ୨୦୧୯

ବିଶାଖାପୁରି ମେରୀ ମାତା ତୀର୍ଥସ୍ଥଳୀ, ଯାହା ପାପଶୁନ୍ୟା ମାଁଙ୍କ ତୀର୍ଥ ସ୍ଥାନ ନାମରେ ପରିଚିତ, ଭିଶାକାପାଟ୍ନାର ବଙ୍ଗପୋ ସାଗର କୂଳ ରସ୍‌ହିଲ ଠାରେ ଅବସ୍ଥିତ । ଦୀର୍ଘବର୍ଷ ଧରି ଏହା ଆଦ୍ଧାତ୍ମୀକ ସ୍ଥାନଭାବେ ପ୍ରସିଦ୍ଧ । ପଚିଶି ବର୍ଷ ପୂର୍ବେ ରସ୍‌ହିଲ୍ ପ୍ରାର୍ଥନା ସଂଘ, ମାଁଙ୍କ ତୀର୍ଥସ୍ଥାନରେ, ପବିତ୍ର ଆତ୍ମାଙ୍କ ପ୍ରେରଣା ପାଇଁ ମାଳା ପ୍ରାର୍ଥନା ୧୯୯୫ ମସିହାରେ ଆରମ୍ଭ କଲେ । ମାଳାଜପର ରଜତ ଜୟନ୍ତୀ ଅବସରରେ ପ୍ରାର୍ଥନା ସଂଘ ଇଶ୍ୱରଙ୍କ ଆଶୀର୍ବାଦ ପାଇଁ କୃତଜ୍ଞତା ପ୍ରକାଶ କରନ୍ତି । ଏହି ପବିତ୍ର ସ୍ଥଳି, ଭକ୍ତମାନଙ୍କୁ ଆଦ୍ଧାତ୍ମୀକ ପରିବେଶ ଜୋଗାଇ ଅଛି, ଯଦ୍ୱାରା ଭକ୍ତମାନେ ମାଁଙ୍କ ପବିତ୍ର ମାଳା ଜପର ରହସ୍ୟ ବିଷୟରେ ଗଭୀର ଚିନ୍ତା କରି ସ୍ୱର୍ଗୀୟ ଅନୁଭୂତିରେ ଭରପୁର ହୁଅନ୍ତି ।

ପୂର୍ବତନ ଭିଷାକାପଟ୍ନମର୍ ମହାଧର୍ମାଦ୍ଧକ୍ଷ K. Mariadas, MSFS ଏବଂ M.Prakash ବର୍ତମାନର ମହାଧର୍ମାଦ୍ଧକ୍ଷଙ୍କର ଉତ୍ସାହ ଓ ଆଶୀର୍ବାଦ ପାଇଁ ଆମେ କୃତଜ୍ଞ ଜଣାଉ । ଆମେ କୃତଜ୍ଞତାର ସହିତ, ଯେଉମାନେ ଏହି ପ୍ରାର୍ଥନା ସଂଘର ବୃଦ୍ଧି ପାଇଁ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଦେଉ । ଅସଂଖ୍ୟ ଯାଜକ, ସେବାଭଗ୍ନୀ ଓ ସେବାଭ୍ରାତା ଏବଂ ବିଶ୍ୱାସୀ ମାନେ, ଯେଉମାନେ ପ୍ରାର୍ଥନା ସଂଘର ପ୍ରଚାର ପାଇଁ ଜଳାଞ୍ଜଳୀ ଦେଇଛନ୍ତି, ସେମାଙ୍କୁ ଆମେ କୃତଜ୍ଞ ଜଣାଉ ।

## କାହିଁକି ଆମେ ପବିତ୍ର ମାଳାଜପ କରିବା ଦରକାର ?

ଆମେ ଭୌତିକବାଦ, ଉପ ଭକ୍ତାବାଦ, ବିଭେଦ, ଘାତକ ରୋଗ, ପାଗଳାମୀ, ଅସୁରକ୍ଷୀତ, ଆତଙ୍କ, ପରିବେସ ଅସନ୍ତୁଳନ, ଭଙ୍ଗା ପରିବାର, ଅସତର୍କ ପିଲାମାନେ, କର୍ତବ୍ୟ ହୀନ ନାଗରିକର ସୀକାର ହେଇଛୁ ଏବଂ ମାନବିକ, ଆଦ୍ଧ୍ୟାତ୍ମୀକ, ମାନସୀକ, ଧାର୍ମୀକ ମୁଲ୍ୟର ଅଭାବରେ ଅଛୁ । ଲୋକମାନେ ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଯାଆନ୍ତିନିଜ ଶାନ୍ତିର ଅନ୍ୱେଷଣ ପାଇଁ, ପରିବାର ପାଇଁ, ସମାଜ ଏବଂ ଗୋଷ୍ଟି ପାଇଁ । ସକ୍ଷିପ୍ତରେ କହିବାକୁ ଗଲେ, ପୃଥିବୀ ଇଶ୍ୱରଙ୍କ ଆଶୀର୍ବଦ ପାଇବା ଦରକାର ।

ପବିତ୍ର ମାଳାଜପ ଆମର ଦୁଃଖର ସଠିକ୍ ଉତର ଦିଏ । ପବିତ୍ର ମାଳାଜପ ଦ୍ୱାରା ଆମେ ଇଶ୍ୱରଙ୍କ ନିକଟତର ହେଉ ଏବଂ ପାପ ଠାରୁ ଦୂରରେ ରହୁ । ମାଳାଜପ ଇଶ୍ୱରଙ୍କ ନିକଟତର ହେବାରେ ପଥ ଦର୍ଶକ ହେଇଥାଏ, ଏହା ଆମ୍ଭ ବିଶ୍ୱାଶମୟ ଜୀବନର ପଥମାର୍ଗ ହୋଇ ଆମ୍ଭମାନଙ୍କୁ ସ୍ୱର୍ଗଅଭିମୁଖେ ନେଇଥାଏ । କୁମାରୀ ମାରୀୟା, ଇଶ୍ୱରଙ୍କ ମାତା, ଯେଉମାନେ ପବିତ୍ର ମାଳାଜପ କରନ୍ତି ସେମାନଙ୍କ ପାଇଁ ମାଁ ଅନବରତ ପ୍ରାର୍ଥନା କରିଥାନ୍ତି । ମାଳାଜପ ମାଦ୍ଧମରେ ଯେଉଁ ଆତ୍ମା ଗୁଡ଼ିକ ପ୍ରାୟଶ୍ଚିତ ସ୍ଥାନରେ ଅଛନ୍ତି ସେମାନେ ମୁକ୍ତି ପାଇଥାନ୍ତି । ପବିତ୍ର ମାଳାଜପ ଆମ୍ଭମାନଙ୍କୁ ଯୀଶୁଙ୍କ ପବିତ୍ର ହୃଦୟ ପ୍ରତି ଉତ୍ସର୍ଗୀକୃତ କରିଥାଏ । ତେଣୁ ଆମ୍ଭେ କହି ପାରିବା ଯେ, ଭକ୍ତିପୂର୍ଣ୍ଣ ଭାବେ ମାଳା ପ୍ରାର୍ଥନା କରିବା ଆବଶ୍ୟକ ଅଟେ ।

ଯେତେବେଳେ ଆମେ ମାଳା ପ୍ରାର୍ଥନାର ରଜତ ଜୟନ୍ତି ପାଳନ କରୁଅଛୁ, ଆସନ୍ତୁ ଆମେ ପୂର୍ଣ୍ୟପିତା ସାଧୁ ଯୋହନ ପାଉଲ ଦ୍ୱିତୀୟଙ୍କ ବାକ୍ୟ ମନେ ପକାଇବା, ଯିଏ କହିଲେ, ମାଳାଜପ ହେଉଛି ସମାଜର ଶୟତାନ ଓ ପାପ ସହ ଯୁଦ୍ଧ କରିବାର ଏକ ଆଧ୍ୟାତ୍ମୀକ ଖଡ଼ଗ । ଏବଂ ପୂର୍ଣ୍ୟପିତା, ସାଧୁ ପାଇଅସ, ଦ୍ୱାଦଶ ଯିଏ କି ବାରମ୍ଭାର କହୁଥିଲେ, ଯଦି ତୁମ୍ଭେମାନେ ପବିତ୍ର ମାଳାଜପ ଏକତ୍ର ପ୍ରାର୍ଥନା କର ତେବେ ତୁମ୍ଭେମାନେ ତୁମ୍ଭମାନଙ୍କ ପରିବାରରେ ଶାନ୍ତି ପାଇ ପାରିବ । ତୁମେ ପରସ୍ପରର ସହବର୍ତୀ ହେବ । ଏଣୁ ଆସନ୍ତୁ ଏହି ଚଳ ପ୍ରଚଳନକୁ ଆମେ ଉତ୍ସାହ, ପୁନରାବୃର୍ତି, ଏବଂ ନୂତନ ଆଶା ସହିତ ସମସସ୍ତଙ୍କ ସହ ଆଦାନ ପ୍ରଦାନ କରିବା । ଆସନ୍ତୁ ସେମାନଙ୍କ ପରିବରକୁ ଆଦ୍ଧାତ୍ମୀକ ଉପକାରିତା ଯଥା, ଶାନ୍ତି, ଏକତା ଓ ସଦ୍‌ଭାବନା ଜଣାଇବା ।

## । ମାଳାଜପ ପ୍ରାର୍ଥନା କିପରି ଆବୃତି କରାଯାଏ ।

ଉପଯୁକ୍ତ ସମୟ ଓ ସ୍ଥାନ ନିରୁପଣ କରି ଦିବା କିମ୍ଭା ରାତ୍ରିରେ ମାଳାଜପ ଆବୃତି କରି ପାରିବେ । ଅକ୍ଟୋବର ମାସ ମାଳାଜପର ମାସ ରୂପେ ଉତ୍ସର୍ଗ କରାଜାଇଅଛି । ପ୍ରତ୍ୟୋକ ମାଳାଜପ ସତନ୍ତ୍ର ଉଦ୍ଦେଶ୍ୟ ପାଇଁ ଉତ୍ସର୍ଗ କରାଯାଏ । ବ୍ୟକ୍ତିଗତ, ପାରିବାରିକ ଓ ସାମୁହିକ ଭାବରେ ପ୍ରାର୍ଥନା କରି ପାରିବେ । ସେପ୍ଟେମ୍ବର ମାସର ଶେଷ ସୁଧା ପ୍ରାର୍ଥନା ପାଇଁ ଯୋଗାଯୋଗ କରିବେ ଯଦ୍ୱାରା ଆମେ ଅଧିକ ସଂଖ୍ୟାରେ ଆୟୋଜନ କରି ମଣ୍ଡଳୀର ଆବଶ୍ୟକତା ଓ ସାରା ବିଶ୍ୱ ପାଇଁ ପ୍ରାର୍ଥନା କରିବା ।

## ରୋଜ୍‌ହିଲ୍‌ରେ ମାଳାଜପର ପର୍ବ

୧୯୯୫ ଅକ୍ଟୋବର ମାସରେ ଆମେ ଯେତେବେଳେ ପବିତ୍ର ମାଳାଜପ ଆରମ୍ଭ କଲୁ ଆମେ ପବିତ୍ର ମାଳାଜପର ରାଣୀଙ୍କୁ ଆମର ସଂସ୍ଥାପିକା ରୂପେ ଗ୍ରହଣ କଲୁ । ସେହି ସମୟଠାରୁ ଅକ୍ଟୋବର ମାସ ର ୩ ତାରିଖ, ରୋଜହିଲ୍ ଠାରେ ମାତାମେରୀଙ୍କ ଉଦ୍ଦେଶ୍ୟରେ ମହାସମାରୋହ ବିଶାଖାପାଟଣାମ୍‌ରେ ଅନୁଷ୍ଠିତ ହୋଇ ଆସୁଅଛି । ଚଳିତ ବର୍ଷ ରଜତ ଜୟନ୍ତି ଉପଲକ୍ଷେ ତିନି ଦିନିଆ ସମାରୋହ ୫,୬,୭ ଅକ୍ଟୋବର ମାସରେ ଅନୁଷ୍ଠିତ ହେବାକୁ ଯାଉଛି । ଆପଣ ମାନଙ୍କୁ ସ୍ୱାଗତ କରୁ ଏବଂ ମାଁ ମାରୀୟାଙ୍କ ମ୍ମଧ୍ୟସ୍ଥତାରେ ଇଶ୍ୱରଙ୍କ ଆଶୀଷ ଭିକ୍ଷାକରୁ ।

? ୫-ଅକ୍ଟୋବର-ଶନିବାର-ସକାଳ ୧୦ ଟା ରୁ ୩ ଟା ଅପରାହ୍ନ ସମାରୋହ ତେଲୁଗୁ ଭାଷାରେ । ?

୬-ଅକ୍ଟୋବର-ରବିବାର-ସକାଳ ୧୦ ଟା ରୁ ୨ ଟା ଅପରାହ୍ନ ସମାରୋହ ଇଂରାଜି ଭାଷାରେ । ?

୭-ଅକ୍ଟୋବର-ସୋମବାର-ସକାଳ ୧୦ ଟାରୁ ୪ ଟା ଅପରାହ୍ନ ସମାରୋହ ତେଲୁଗୁ ଭାଷାରେ ।

ଏଫେସୀୟ ୬:୧୮ ଆତ୍ମାଙ୍କଠାରେ ସର୍ବଦା ନିବେଦନ ଓ ଅନୁନୟ ସହକାରେ ପ୍ରାର୍ଥନା କର । ଏହି ଉଦ୍ଦେଶ୍ୟ ରଖି ସତର୍କ ଥାଅ ଏବଂ ସର୍ବଦା ସବୁ ସନ୍ଥମାନଙ୍କ ପାଇଁ ପ୍ରାର୍ଥନାରେ ରତ ହୁଅ ।

ଏଫେସୀୟ ୬:୧୦-୧୩

ପରିଶେଷରେ, ପ୍ରଭୁଙ୍କଠାରେ ଓ ତାଙ୍କର ପରାକ୍ରମରେ ଶକ୍ତିମନ୍ତ ହୁଅ । ପିଶାଚର ଦୁରଭିସନ୍ଧି ବିପକ୍ଷରେ ତୁମ୍ଭେମାନେ ଯେପରି ଠିଆ ହୋଇପାରିବ, ଏଥି ନିମନ୍ତେ ଇଶ୍ୱରଙ୍କ ଅସ୍ତ୍ରଶସ୍ତ୍ର ପରିଧାନ କର । କାରଣ ଆମର ଏହି ସଂଗ୍ରାମ ରକ୍ତମାଂସଧାରୀ ଶତ୍ରୁମାନଙ୍କ ବିରୁଦ୍ଧରେ ନୁହେଁ, ବରଂ ଏହା ଅଟେ ଶାସକମାନଙ୍କ ବିରୁଦ୍ଧରେ, କ୍ଷମତାଧିକାରୀମାନଙ୍କ ବିରୁଦ୍ଧରେ, ଏହି ଅନ୍ଧକାର ଜଗତର ଶକ୍ତି ସମୂହ ବିରୁଦ୍ଧରେ ଏବଂ ଆକଶ ମଣ୍ଡଳର ମନ୍ଦଆତ୍ମା ଗୁଡ଼ିକର ଦୁଷ୍ଟତା ବିରୁଦ୍ଧରେ । ତେଣୁ ଦୁର୍ଦ୍ଦିନ ଆସିଲେ, ତୁମେମାନେ ଯେପରି ପ୍ରତିରୋଧ କରି ଦୃଢ଼ ଭାବେ ଠିଆ ହୋଇ ପାରିବ ଓ ସବୁ କର୍ତବ୍ୟ କଳାପରେ ଅଟଳ ରହିପାରିବ, ଏଥିପାଇଁ ଇଶ୍ୱରଙ୍କ ସମସ୍ତ ଅସ୍ତ୍ରଶସ୍ତ୍ର ପରିଧାନ କର ।

ଲୂକ ୧୮:୭-୮

**ଇଶ୍ୱରଙ୍କ ଯେଉଁ ମନୋନୀତ ଲୋକମାନେ ଦିନରାତି ତାହାଙ୍କ ନିକଟରେ ରୋଦନ କରନ୍ତି, ସେ କଣ ସେମାନଙ୍କ ପାଇଁ ନ୍ୟାୟ ବିଚାର କରିବେ ନାହିଁ ? ସେ କଣ ସେମାନଙ୍କୁ ସାହାଯ୍ୟ କରିବାକୁ ବିଳମ୍ବ କରିବେ ? ମୁଁ ତୁମମାନଙ୍କୁ କହୁଛି, ସେ ସେମାନଙ୍କୁ ଯଥାଶୀଘ୍ର ନ୍ୟାୟ ଦେବେ । ତଥାପି, ମନୁଷ୍ୟ ପୁତ୍ର ଯେତେବେଳେ ଆସିବେ, ସେ କଣ ପୃଥିବୀରେ ବିଶ୍ୱାସ ଥିବା ଦେଖିବେ ?**

## ଉଦ୍ଦେଶ୍ୟ - ୨୦୧୯





୧. ଆମେ ପୁଣ୍ୟପିତା ଫ୍ରାନ୍‌ସିସ୍ ଏବଂ ଅନ୍ୟ ସମସ୍ତ ଭାଇ ଓ ଭଉଣୀ ଯେଉଁମାନେ ସୁସମାଚାର ପ୍ରଚାର କରିବା ନିମନ୍ତେ କୁମାରୀ ମାରୀଆଙ୍କୁ ଅନୁକରଣ କରିପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୨. ଆମେ ସର୍ବ ଜନତାଙ୍କ ନିମନ୍ତେ ପ୍ରାର୍ଥନା କରିବା ଯେପରି ସମସ୍ତେ ପରସ୍ପର ପ୍ରତି ଭାତୃପ୍ରେମ ଦ୍ୱାରା ପରସ୍ପର ସେବା କରି ପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୩. ଆମେ ପ୍ରାର୍ଥନା କରିବା ସମସସ୍ତ ବିଶ୍ୱାସୀମାନଙ୍କ ମଙ୍ଗଳ ନିମନ୍ତେ ଯେପରି ସେମାନେ ପବିତ୍ର ବଚନ ବାଇବେଲ୍ ଏବଂ ଯୀଶୁଖ୍ରୀଷ୍ଟଙ୍କର ନିର୍ଭୀକ ଭାବରେ ସାକ୍ଷ୍ୟ ପ୍ରଦାନ କରିପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୪. ସମସ୍ତ ପିତାମାତାଙ୍କ ନିମନ୍ତେ ପ୍ରାର୍ଥନା କରିବା ଯେପରି ସେମାନେ ନିଜ ସନ୍ତାନ, ସନ୍ତତୀଙ୍କୁ ଇଶ୍ୱରଙ୍କ ଅନୁଗ୍ରହ ଏବଂ ଇଶ୍ୱରଙ୍କ ସନ୍ତାନ ରୂପେ ପ୍ରତିପାଳନ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୫. ସମସ୍ତ ଖ୍ରୀଷ୍ଟିୟ ପିତାମାତାଙ୍କ ନିମନ୍ତେ ପ୍ରାର୍ଥନା କରିବା ଯେପରି ସେମାନେ ନିଜର ସନ୍ତାନ ମାନଙ୍କୁ ନିଜ ବାକ୍ୟ ଓ କର୍ମ ଦ୍ୱାରା ସୃଜନଶୀଳ କାର୍ଯ୍ୟ ପାଇଁ ଏବଂ ଇଶ୍ୱରଙ୍କ ରାଜ୍ୟର ସାକ୍ଷ୍ୟ ପ୍ରଦାନ କରିବା ପାଇଁ ପ୍ରେରଣା ଯୋଗାଇ ପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୬. ଆମେ ପ୍ରାର୍ଥନା କରିବା ନୂତନ ଭାବେ ଦୀକ୍ଷୀତ ବ୍ୟକ୍ତିଙ୍କ ନିମନ୍ତେ ଯେପରି ସେମାନେ ଆତ୍ମା ଓ ଜଳରେ ପୂନଃ ଜନ୍ମ ନେଇ ପ୍ରେମରେ ଇଶ୍ୱରଙ୍କ ସନ୍ତାନ, ସନ୍ତତି ହୋଇ ଜୀବନ ଅତିବାହିତ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୭. ଆମେ ଯୁବଗୋଷ୍ଠୀ ନିମନ୍ତେ ପ୍ରାର୍ଥନା କରିବା ଯେପରି ସେମାନେ ପବିତ୍ର ସଂସ୍କାର ଗୁଡ଼ିକ ଉତମ ଭାବରେ ପାଳନ କରିବେ ଏବଂ ଉଚିତ ସମୟରେ ପବିତ୍ର ବିବାହ ସଂସ୍କାର ଗ୍ରହଣ କରିବେ । ଏବଂ ପବିତ୍ର ଭାବେ ବୈବାହିକ ଜୀବନ ଅତିବାହିତ କରିପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୮. ଆମେ ପ୍ରାର୍ଥନା କରିବା ସମସ୍ତ ଦୀକ୍ଷୀତ ଖ୍ରିଷ୍ଟିଆନ୍ ଭାଇ ଓ ଭଉଣୀ ଯେପରି ଇଶଶ୍ୱରଙ୍କ ବଚନ ଘୋଷଣା କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବେ ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୯. ଆମେ ପ୍ରାର୍ଥନା କରୁ ସମସ୍ତ ଖ୍ରୀଷ୍ଟୀୟ ଭାଇ ଓ ଭଉଣୀଙ୍କ ନିମନ୍ତେ ଯେପରି ସେମାନେ ପ୍ରବାସୀ ଓ ଶରଣାର୍ଥୀଙ୍କ ମୁଖରେ ଯୀଶୁଙ୍କୁ ଦେଖି ସେମାନଙ୍କୁ ପ୍ରେମ ଓ ସେବା କରି ଆବଶ୍ୱକୀୟ ଦ୍ରବ୍ୟ ପ୍ରଦାନ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୦. ଆମେ ପ୍ରାର୍ଥନା କରିବା ସମସ୍ତ ଖ୍ରୀଷ୍ଟୀୟ ଭାଇ ଓ ଭଉଣୀ, ଯେଉଁମାନେ ପବିତ୍ର ଦିବ୍ୟ ପ୍ରସାଦ ଗ୍ରହଣ କରନ୍ତି, ଯେପରି ସେମାନେ ପବିତ୍ର ଦିବ୍ୟ ପ୍ରସାଦ ସଂସ୍କାରକୁ ଭକ୍ତି, ସମ୍ମାନ ଓ ଦୃଢ଼ ବିଶ୍ୱାସ ଦେଖାଇ ଖ୍ରୀଷ୍ଟଙ୍କ ଶରୀର ଓ ରୁଧିର ଗ୍ରହଣ କରି ଖ୍ରୀଷ୍ଟୀୟ ଜୀବନ ଅତିବାହିତ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

ଫ ଶାରେ

୧୧. ଆମେ ପ୍ରାର୍ଥନା କରୁ ଯେଉଁ ମାନେ ବିଭିନ୍ନ ସମସ୍ୟା ଏବଂ ଯନ୍ତ୍ରଣାରେ ପିଡ଼ିତ ସେମାନେ ପ୍ରଭୁ ଯୀଶୁଙ୍କର ଯନ୍ତ୍ରଣାକୁ ସ୍ମରଣ କରି ସାନ୍ତନା ଏବଂ ଶକ୍ତି ପାଇବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୨. ଆମେ ପ୍ରାର୍ଥନା କରୁ ଗରୀବ ଏବଂ ଦୁର୍ବଳ ମାନଙ୍କ ପାଇଁ ଯେଉଁମାନେ ନିରାଶ ଓ ହତାସ ସେମାନେ ନ୍ୟାୟଳୟରେ ନ୍ୟାୟ ଓ ସାମାଜିକ ସମ୍ମାନ ପାଇ ପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୩. ଆମେ ଯୁବଗୋଷ୍ଟିଙ୍କ ନିମନ୍ତେ ପ୍ରାର୍ଥନା କରୁ, ଯେଉଁମାନେ କ୍ଷତିକାରକ ଅଭ୍ୟାସରେ ଆସକ୍ତ ଅଟନ୍ତି ଯେପରି ଯୀଶୁଙ୍କୁ ନିଜର ଉଦ୍ଧାର କାରି ଭାବେ ଗ୍ରହଣ କରିବେ ଏବଂ ନୂତନ ଜୀବନ ଯାପନ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୪. ଆମେ ପ୍ରାର୍ଥନା କରୁ ଯେଉଁମାନେ ନିଯୁକ୍ତିବେକାର, ଗୃହଶୂନ୍ୟ ଏବଂ ଅଧିକ ଋଣଗ୍ରସ୍ତ । ସ୍ୱତନ୍ତ୍ର ଭାବରେ ଚାଷୀମାନେ ଯେପରି ସରକାରଙ୍କ ଠାରୁ ସାହାଯ୍ୟ ସହାନୁଭୂତି ପ୍ରାପ୍ତ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୫. ଆମେ ପ୍ରାର୍ଥନା କରୁ ଯେଉଁମାନେ ବିଶ୍ୱାସ ପାଇଁ ନିର୍ଯାତତି ଯେପରି ସେମାନେ କ୍ରୁଶବିଧି ଯୀଶୁଙ୍କ ଦର୍ଶନ ପାଇ ତାଙ୍କର ଅନୁଗ୍ରହ ଓ ଆଶୀର୍ବାଦ ପ୍ରାପ୍ତ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୬. ଆମେ ପ୍ରାର୍ଥନା କରୁ ମୃତ ଆତ୍ମା ମାନଙ୍କ ନିମନ୍ତେ ଯେପରି ସେମାନେ ସ୍ୱର୍ଗଧାମରେ ପ୍ରବେଶ କରିପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୭. ଆମେ ପ୍ରାର୍ଥନା କରୁ ଯେଉଁମାନେ ମୁମୂର୍ଷୁ ଅବସସ୍ଥାରେ ଶଜ୍ୟାଶ୍ଯାୟୀ ଅଟନ୍ତି, ସେମାନେ ଇଶ୍ୱରଙ୍କ କ୍ଷମା ଆଶୀର୍ବାଦ ପ୍ରାପ୍ରକରି ସ୍ୱର୍ଗଧାମରେ ଶାନ୍ତି ଲାଭ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୮. ଆମେ ପ୍ରାର୍ଥନା କରୁ ଯେଉଁମାନେ ସତ୍ୟର ସନ୍ଧାନ କରନ୍ତି, ଯେପରି ସେମାନେ ପବିତ୍ର ଆତ୍ମାଙ୍କ ଦାନ ଓ 'ଫଳ ପ୍ରାପ୍ତ କରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୧୯. ଆମେ ପ୍ରାର୍ଥନା କରୁ ସମସ୍ତ ତତ୍ୱାବଧାରକ ବା ଜାଗତିକ ପ୍ରଶାସକଙ୍କ ନିମନ୍ତେ, ଯେପରି ସେମାନେ ମାତା ମାରୀୟାଙ୍କ ମାଧ୍ୟସ୍ଥତାରେ ଚତୁରତାର ସହିତ ଜାଗତିକ ଜିନିଷର ରକ୍ଷଣାବେକ୍ଷଣା କରି ପାରିବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

୨୦. ଆମେ ପ୍ରାର୍ଥନା କରୁ, ମାଳାଜପରେ ଦୈନନ୍ଦିନ ଅଂଶିଦାର ବ୍ୟକ୍ତି ବିଶେଷ ଯେପରି ଜୀବନର ସେଷରେ ସ୍ୱର୍ଗରେ ମାତା ମାରୀୟାଙ୍କୁ ଦର୍ଶନ ପାଇବେ । ଏଥି ନିମନ୍ତେ ଆମେ ପ୍ରାର୍ଥନା କରିବା ।

## ROSARY DEVOTIONS AT ROSS HILL


**Every 1st Saturday :**

*Fasting Prayer, Mass and Procession with Statue of Our Lady of Fatima (10.00 a.m. to 6.00 p.m.)*

**Every 2nd Saturday & Last Sunday**

*Complete Rosary Mysteries with 1000 Hail Marys.*

The Director
Mary Matha Shrine Ross Hill,
Visakhapatnam-01 , A.P., India
chainrosaryprayer@gmail.com,
PH : 0891 -2562318, Cell : 9573709412
www.rosarychainprayer.com
www.rosshillshrine.org




# ନିରନ୍ତର ରୋଜରୀ ମାଳା ବିନତୀ ପ୍ରାର୍ଥନା

2019

